

ଶହୀଦଙ୍କ ଗ୍ରାମରୁ ସଂଗୃହୀତ ମାଟିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେହେରୁ ଯୁବକେନ୍ଦ୍ର ସଂଗଠନର ପୂର୍ବକ୍ଷେତ୍ର ନିର୍ଦ୍ଦେଶିକା ହନି ସିହ୍ନାଙ୍କୁ ପ୍ରଦାନ କରୁଛନ୍ତି।

# ଦେଶକୁ ଗର୍ବିତ କରିଛନ୍ତି ଗଡ଼ଜାତ ଗାନ୍ଧୀ

■ସାରଙ୍ଗଧରଙ୍କ ନାମରେ ଡାକଟିକେଟ୍ ଜାରି କରିବାକୁ ପ୍ରସ୍ତାବ

■ଗ୍ରାମରେ ସ୍ଥାପନ ହେବ ସଂଗ୍ରାମୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ହେଉଛି ବୀର ସଂଗ୍ରାମୀଙ୍କ ମାଟି। ସ୍ୱାଧୀନତା ସଂଗ୍ରାମ ଏବଂ ଗଡ଼ଜାତ ମିଶ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ସଂଗ୍ରାମ ଦେଶକୁ ଗର୍ବିତ କରିଛି। ୨୦୪୭ ସୁଦ୍ଧା ଦେଶ ବିକଶିତ ହେଲେ ସାରଙ୍ଗଧରଙ୍କ ଭଳି ସଂଗ୍ରାମୀଙ୍କ ପାଇଁ ଏହା ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଗୋଟିଏ କୃତଜ୍ଞ ଦେଶ ତା'ର ଶହୀଦଙ୍କୁ ସର୍ବଦା ମନେପକାଇଥାଏ। ଆସନ୍ତା କୁମାର ପୂର୍ଣ୍ଣିମା ମଧ୍ୟରେ ସାରଙ୍ଗଧରଙ୍କ ନାମରେ ଡାକଟିକେଟ୍ ଜାରି କରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଭାବେ ଜଣାଯାଇଛି। ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ସଂଗ୍ରାମୀଙ୍କ ଗ୍ରାମରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତ ସରକାରଙ୍କ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସଦର ବ୍ଲକ ନାଗିଆପଶି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମରେ ରବିବାର ଅନୁଷ୍ଠିତ 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।



ଧର୍ମେନ୍ଦ୍ର ଆହୁରି ମଧ୍ୟ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସମଗ୍ର ଦେଶରେ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବିଭିନ୍ନ ଗ୍ରାମରୁ ସଂଗ୍ରହ କରାଯାଇଥିବା ମାଟି ନୂଆଦିଲ୍ଲୀସ୍ଥିତ କର୍ତ୍ତବ୍ୟ ପଥ ଅମୃତ ବାଟିକାରେ ବ୍ୟବହାର କରାଯିବ। ସେଠାରେ ଚାରା ରୋପଣ କରାଯିବ। ଏହି ଅବସରରେ ସେ ଶହୀଦ ଅମର ଯବାନ କାମାକ୍ଷାନଗର ବ୍ଲକ ବଡ଼ସୁଆଁଳ ଗ୍ରାମର ଅଜିତ୍ କୁମାର ସାହୁ, ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାର ଅମିୟ ରଞ୍ଜନ ସାହୁ, ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମର ତୁଷାର ବରାଳ, ସଞ୍ଚସରା ଗ୍ରାମର ପବିତ୍ର ମୋହନ ପ୍ରଧାନ, ବାଇସିଙ୍ଗା ଗ୍ରାମର ଭଗବାନନ୍ଦ ପତି, ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ନୂଆକୋଟ ଗ୍ରାମର ବୁଦ୍ଧିଆ ଗୋଚ୍ଛାୟତ, କଙ୍କାଳୁ ଗ୍ରାମର ରମେଶ ଚନ୍ଦ୍ର ପାତ୍ର, ସଦର ବ୍ଲକ ଚାଉଳିଆ ଗ୍ରାମର ସୂର୍ଯ୍ୟମଣି ବେହେରାଙ୍କ ପରିବାରକୁ ସମ୍ମାନିତ କରିଥିଲେ। ଏଥିସହ ସଂଗ୍ରାମୀଙ୍କ ଗ୍ରାମରୁ ସଂଗୃହୀତ ହୋଇଥିବା ମାଟିକୁ ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ପୂର୍ବକ୍ଷେତ୍ର ନିର୍ଦ୍ଦେଶିକା ହନି ସିହ୍ନାଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଛାତ୍ରୀଛାତ୍ର, ଜନସାଧାରଣଙ୍କୁ ୫ଟି ସଂକଳ୍ପର ଶପଥପାଠ କରାଇଥିଲେ। ସିଆର୍‌ପିଏଫ୍ ଓଡ଼ିଶା ସେକ୍ଟର ଡିଆଇଜି ଏମ୍. ରଘୁରାମ, ସାରଙ୍ଗଧର ଦାସଙ୍କ ନାତି ଚନ୍ଦନ ଦାସ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ଶତ୍ରୁଘ୍ନ ଜେନା, ବିଭୂତି ଭୂଷଣ ପ୍ରଧାନ, ରାମଚନ୍ଦ୍ର ପାତ୍ର, ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ କେନ୍ଦ୍ରମନ୍ତ୍ରୀ ହରେକୃଷ୍ଣପୁର ଗ୍ରାମର ପ୍ରବେଶ ଦ୍ୱାରରେ ଥିବା ସାରଙ୍ଗଧରଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାରଙ୍ଗଧରଙ୍କ ଘର ନିକଟରୁ ସଂକୀର୍ତ୍ତନମଣ୍ଡଳୀ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ମାଟି ସଂଗ୍ରହ କରାଯାଇଥିଲା। ପରେ ଗ୍ରାମରେ ପ୍ରଧାନମନ୍ତ୍ରୀଙ୍କ 'ମନ କୀ ବାତ୍' କାର୍ଯ୍ୟକ୍ରମ ଦେଖିଥିଲେ। ହରେକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଚାରାରୋପଣ କରିଥିଲେ।

# କାଉଡ଼ିଆଙ୍କ ସେବା

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ସହର ବାଜିଚୌକସ୍ଥିତ ଶ୍ରୀଚନ୍ଦ୍ରଶେଖରଜୀଉ ବୋଲ୍‌ବମ୍ ସେବା ସଂଘର ୨୪ବର୍ଷ ପୂର୍ତ୍ତି ଅବସରରେ କାଉଡ଼ିଆଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ଏଥିସହ କାଉଡ଼ିଆ ଶ୍ରଦ୍ଧାଳୁଙ୍କ କଷ୍ଟ ଲାଘବ କରିବା ପାଇଁ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଢେଙ୍କାନାଳ ଷ୍ଟେଶନ୍ ବଜାର ଭବାନୀ କଳା ପରିଷଦର କଳାକାର ଦିଲୀପ ତ୍ରିପାଠୀ, ମିହିର, ସୁଇଟି ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଜ୍ଞାନଚାନ୍ଦ ମିଶ୍ର, ମୁଖ୍ୟ ଉପଦେଷ୍ଟା ସଂଗ୍ରାମ କେଶରୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳର ଦୁଃସାହସିକ ପର୍ବତଆରୋହୀ ବିଭାରାଣୀ ପାତ୍ର ସାଉଥ୍ ଆଫ୍ରିକାର କିଲିମାଞ୍ଜାରୋ ପର୍ବତ ଆରୋହଣ କରିବାକୁ ଇଚ୍ଛା ପ୍ରକାଶ କରିଥିବାରୁ କମିଟି ତରଫରୁ ତାଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି।


ବିଭାରାଣୀ ପାତ୍ରଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପରଲୋକ

ଆଠମଲ୍ଲିକ, ୨୭।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍‌ଏସି ଅନ୍ତର୍ଗତ ୮ନଂ. ୱାର୍ଡ ରଥସାହିର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଯତୀନ ମିଶ୍ର (୬୫)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଆଠମଲ୍ଲିକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଚାକିରିରୁ ଅବସର ନେବା ପରେ ମଧ୍ୟ ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ରହି କାର୍ଯ୍ୟ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଏହି ଖବର ଜଣାପଡ଼ିବା ପରେ ସହରରେ ଶୋକର ଛାୟା ଖେଳି ଯାଇଥିଲା।

# ୨୯ରେ ନିର୍ମାଣ ଶ୍ରମିକଙ୍କୁ ମିଳିବ ସହାୟତା

କାମାକ୍ଷାନଗର, ୨୭।୮ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ୍ ଅଡିଟୋରିୟମ୍‌ରେ ଆସନ୍ତା ୨୯ରେ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲା ଶ୍ରମ ବିଭାଗ ଦ୍ୱାରା ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପ ସମ୍ପାଦନ କରିବା ଲାଗି ଜିରିଡ଼ାମାଳିସ୍ଥିତ ଓଡ଼ିଶା ନିର୍ମାଣ ମଜ୍‌ଦୁର ସଭା କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ବାସୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ଓ ଭୁବନ ବ୍ଲକର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥିଙ୍କ ସ୍ୱାଗତ, ସଭାକାର୍ଯ୍ୟ ପରିଚାଳନା, ଶ୍ରମିକଙ୍କୁ ସହାୟତା ବଣ୍ଟନ, ଖାଦ୍ୟପେୟ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ଆବେଦନ ଓ ସହାୟତା ମଞ୍ଜୁରୀ ନେଇ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଏୟୁସିସିବି ନିର୍ଦ୍ଦେଶକ ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାମାକ୍ଷାନଗର ବ୍ଲକ ସଂଯୋଜକ ବାବୁଲି ଲେଙ୍କା, ବିଜୟ ସାହୁ, ଶ୍ରୀକାନ୍ତ ହୋତା, ଭୁବନ ବ୍ଲକ ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ପ୍ରମୋଦ ସାହୁ, ପ୍ରତାପ ପଣ୍ଡା, ବାମଦେବ ଷେଣ୍ଡ, କଙ୍କଡ଼ାହାଡ଼ ବ୍ଲକ ସଂଯୋଜକ ପବିତ୍ର ବରାଳ, ଦାଶରଥି ମଲ୍ଲିକ, ରବି କୁମାର ରାଉତ, ହେମନ୍ତ ମଲ୍ଲିକ, ଅଭୟ ପାତ୍ର, ଚନ୍ଦ୍ରମଣି ସାହୁ, ବିଭୁ ପ୍ରସାଦ ଦାସ, ଦିଲୀପ ନାୟକ, ପ୍ରଦ୍ୟୁମ୍ନ ସାହୁ, ପ୍ରଦୀପ ସେଠୀ, ମାଳତୀ ଭୂୟାଁ, ରୀତା ପାତ୍ର, କୁମାରୀ ସାମଲ, ଟୁନିବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଓଡ଼ିଶା ମଜ୍‌ଦୁର ସଭାର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

# କାର୍-ବାଇକ୍ ଧକ୍କା: ବାପପୁଅ ଗୁରୁତର

କାମାକ୍ଷାନଗର, ୨୭।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଭାଲୁମୁଣ୍ଡା ବାଙ୍କମଞ୍ଜରୀ ନିକଟରେ ରବିବାର ମଧ୍ୟାହ୍ନରେ କାର୍ (ନଂ. ଓଆର ୦୫ ଏଏଲ୍ ୨୫୪୩) ଏବଂ ବାଇକ୍ (ନଂ. ଓଆର୍ ୦୬ କେ ୧୪୦୪) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବାଇକ୍ ଆରୋହୀ ବାପପୁଅ ଗୁରୁତର ହୋଇଛନ୍ତି। କଙ୍କଡ଼ାହାଡ଼ ଥାନା ହଳଦୀକୁଣ୍ଡି ଗ୍ରାମର ଦୀନବନ୍ଧୁ ମୁଣ୍ଡା (୪୦) ଏବଂ ତାଙ୍କ ପୁଅ ଶଙ୍କର ମୁଣ୍ଡା (୧୩) ବାଇକ୍‌ରେ କୌଣସି କାମରେ କଙ୍କଡ଼ାହାଡ଼ରୁ କାମାକ୍ଷାନଗର ଆସୁଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଭୟ ବାପପୁଅଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ପୋଲିସ ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ଅମିତ୍‌ଜ୍ୟୋତି ସଭାପତି, ଜିତେନ୍ଦ୍ର ସମ୍ପାଦକ


ବୈଠକରେ ସରପଞ୍ଚମାନେ।

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଗୋପବନ୍ଧୁ ଟାଉନ ହଲ୍ ପରିସରରେ ଜିଲା ସରପଞ୍ଚ ମହାସଂଘର ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ଅମିତ୍‌ଜ୍ୟୋତି ସ୍ୱାଇଁ ସଭାପତି, ଜିତେନ୍ଦ୍ର ବେହେରା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଅଭିମନ୍ୟୁ ବେହେରା କୋଷାଧ୍ୟକ୍ଷ, ଯତି ନାୟକ ସହ କୋଷାଧ୍ୟକ୍ଷ, ଜ୍ଞାନରଞ୍ଜନ ଦାସ, ବିଜେନ୍ଦ୍ର ସାହୁ, ଧରିତ୍ରୀ ମଲ୍ଲିକ ଉପସଭାପତି, କାର୍ଯ୍ୟକାରୀ ସଭାନେତ୍ରୀ ସନ୍ଧ୍ୟାରାଣୀ ଷେଣ୍ଡ, ଉପଦେଷ୍ଟା ଭାବେ ଶିଶିରକାନ୍ତ ବେହେରା, ଅଜିତ ସିଂ, ଉଦୟନାଥ ଲେଙ୍କା ନିର୍ବାଚିତ ହୋଇଛନ୍ତି। ସଂଘର ନାମ ନିଖିଳ ଉତ୍କଳ ସରପଞ୍ଚ କଲ୍ୟାଣ ପରିଷଦ ଭାବେ ପଞ୍ଜୀକୃତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ନୂତନ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ଉପଦେଷ୍ଟା ଶିଶିରକାନ୍ତ ବେହେରା ଶପଥ ପାଠ କରାଇଥିଲେ।

### ଜିଲା ସରପଞ୍ଚ ମହାସଂଘ ନିର୍ବାଚନ

ବୈଠକରେ ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଛି। ୧୨ ଦଫା ସମ୍ବଳିତ ଦାବିପତ୍ର ସରକାରଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଂଘ କର୍ମକର୍ତ୍ତାଙ୍କ ସମସ୍ୟାର ସମାଧାନ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ନିଜସ୍ୱ ପାଣ୍ଠି ଗଠନ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ସାମାଜିକ ସେବାରେ ଜଡ଼ିତ ସାମାଜିକକର୍ମୀଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କମଳିନୀ ଦାସ, ନର୍ମଦା ସେଠୀ, ତପନ ପତ୍ର, ଲୀନା ଦାସ, ସ୍ୱାଗତିକା ନାୟକ, ରାଜେନ୍ଦ୍ର ମଲ୍ଲିକ, ଝିଲି ବେହେରା, ସସ୍ମିତା କୁମାରୀ ସାହୁ, ପ୍ରିୟମ୍ବଦା ନାୟକ, ନିରୁପମା ହାତୀ, କଳ୍ପନା ରାଜ, ମାନିନୀ ସାହୁ, ସନ୍ତୋଷ ମହାପାତ୍ର, ଦୀପ୍ତିମୟୀ ସାହୁଙ୍କ ସମେତ ୨୦୦ ସରପଞ୍ଚ ଯୋଗ ଦେଇଥିଲେ।

# ଜୁବିଲି ଟାଉନ୍-୧ ଲକ୍ଷ୍ମୀପୂଜା ପ୍ରସ୍ତୁତି

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ଜୁବିଲି ଟାଉନ୍-୧ ପୂଜା ପ୍ରତିଷ୍ଠାନର ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ ସ୍ଥାନୀୟ ବାବା ନାଗେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ବିନୋଦ କୁମାର ମହାନ୍ତିଙ୍କ ଆବାହକତ୍ୱରେ ପ୍ରତିଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାନର ନୂତନ ଗୃହରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ। ଏଥିଲାଗି ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି। ପରାମର୍ଶଦାତା ପ୍ରମୋଦ ବେହେରା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୋବର୍ଦ୍ଧନ ସାହୁ, ବରିଷ୍ଠ ନାଗରିକ ଅମରେନ୍ଦ୍ର ଭୂତିଆ, ନିର୍ମଳ ସାମଲ, ପ୍ରଫୁଲ୍ଲ ନାୟକ, ବସନ୍ତ ନାୟକ ପ୍ରମୁଖ ନିଜସ୍ୱ ମତାମତ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ କାବୁଲି ବେଉରା, ଶରତ ଜେନା, ପ୍ରକାଶ ଜେନା, କାର୍ତ୍ତିକ ବେହେରା, ଅଜିତ୍ ମହାପାତ୍ର, ଟୁଲୁ ମହାପାତ୍ର, ସାଗର ଖଟୁଆ, ରାନୁ ତୁଙ୍ଗ, ରାଜେଶ ଖାନ୍, ମନୋଜ ମହାପାତ୍ର, ପ୍ରକାଶ ଜେନା, ଲିପନ, ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ବିନୋଦ ମହାନ୍ତି, ଉପସଭାପତି ଦିଲୀପ ମିଶ୍ର, କୋଷାଧ୍ୟକ୍ଷ ସୁଶାନ୍ତ ବାରିକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବରାଳ ପ୍ରମୁଖ ସଭା ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ପ୍ରତିଷ୍ଠାନର କର୍ମକର୍ତ୍ତାମାନେ।

# ଜନମଙ୍ଗଳ ରାଷ୍ଟ୍ରରେ ଏକଚ୍ଛତ୍ରବାଦ ଶୋଭାପାଏନି

■ପୋଲିସ ଓ ନାଗରିକ ପରସ୍ପରକୁ ବୁଝନ୍ତୁ: ଏମ୍‌ପି

■ଗୁଣୀଜନଙ୍କ ସହ ବନ୍ଧୁତା କଲେ ଭଲ ହେବ: ବିଧାୟକ

ଢେଙ୍କାନାଳ, ୨୭।୮ (ରତନ ନାୟାର)

ଢେଙ୍କାନାଳ ଟାଉନ୍ ଥାନା ପକ୍ଷରୁ ରବିବାର ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲା ପରିଷଦ ହଲ୍‌ଠାରେ 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ ଜରିଆରେ ସଡ଼କ ସୁରକ୍ଷା ସଚେତନତା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପୋଲିସ-ନାଗରିକ ପରସ୍ପରକୁ ଭଲ ଭାବରେ ବୁଝିବା ଦରକାର। ଫଳରେ ଉଭୟଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ ହୋଇପାରିବ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଏକଚ୍ଛତ୍ରବାଦ ଶୋଭା ପାଏନି। ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ଆମେ ସମସ୍ତେ ସଚେତନ ହେବା ଉଚିତ ବୋଲି ଏମ୍‌ପି ବିଭିନ୍ନ ଉଦାହରଣ ଛଳରେ କହିଥିଲେ।



ବୈଠକରେ ମଞ୍ଚାସୀନ ଅତିଥିମାନେ।

ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ କହିଲେ, ପୋଲିସ ଅପରାଧୀଙ୍କ ବଦଳରେ ବୁଦ୍ଧିଜୀବୀ, ଗୁଣୀଜନଙ୍କ ସହିତ ବନ୍ଧୁତ୍ୱ କଲେ ସମାଜ ପାଇଁ ଭଲ ହେବ। ଗଣତନ୍ତ୍ର ନାମରେ ସ୍ୱେଚ୍ଛାଚାରୀ ହେବା, ସ୍ୱାଧୀନ ଦେଶର ନାଗରିକ ବୋଲି ଭୁଲିଯିବା, ପରମ୍ପରା, ସଂସ୍କୃତିକୁ ଅଣଦେଖା କରିବା ଅନୁଚିତ। ସାମାଜିକ ବିଧିବ୍ୟବସ୍ଥାରେ ପୋଲିସର ଗୁରୁଦାୟିତ୍ୱ ରହିଛି। ଏଥିପ୍ରତି ସେମାନେ ଯତ୍ନବାନ ହେବା ଉଚିତ ବୋଲି ବିଧାୟକ ପରାମର୍ଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ନାଗରିକ-ପୋଲିସ ମଧ୍ୟରେ ରହୁଥିବା ଦୂରତ୍ୱ ହ୍ରାସ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବରିଷ୍ଠ ନାଗରିକ, ମହିଳା, ଶିଶୁ, ଅବହେଳିତ, ନିଷ୍ପେସିତ ଜନସାଧାରଣଙ୍କୁ ସୁରକ୍ଷା ପ୍ରଦାନ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଗତବର୍ଷ ଏହି ମାସ ତୁଳନାରେ ହ୍ରାସ ପାଇଛି। ସମସ୍ତଙ୍କ ସହଯୋଗରେ ଏହା ସମ୍ଭବପର ହୋଇପାରିଛି। ଆଗାମୀ ଦିନରେ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ କରିବା ଲାଗି ସମସ୍ତେ ମିଳିମିଶି ଉଦ୍ୟମ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋଲିସ-ଜନସାଧାରଣ ପରସ୍ପର କିପରି ବିଶ୍ୱାସଭାଜନ ହୋଇପାରିବେ ସେ ସମ୍ପର୍କରେ ଅତିଥିମାନେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୂର୍ବତନ ଏସ୍‌ପି ଅକ୍ଷୟ କୁମାର ସାହୁ, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ପ୍ରମୁଖ ପୋଲିସ-ନାଗରିକଙ୍କ ମଧ୍ୟରେ ଦୂରତ୍ୱ ହ୍ରାସ ସମ୍ପର୍କରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ନାଗରିକମାନେ ପୋଲିସକୁ ପରିବାରର ଅଙ୍ଗ ବୋଲି ଭାବିବା ପାଇଁ ଅନୁରୋଧ କରିଥିଲେ। ଏଥିସହ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ଜନତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଲାଗି ପରାମର୍ଶ ଦେଇଥିଲେ। ଏହି ଅବସରରେ ୫୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅବନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଆଇନଜୀବୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୃତଜ୍ଞତା ଜଣାଇଲେ ନୂଆ ପର୍ଯ୍ୟବେକ୍ଷକ



ଆଠମଲ୍ଲିକ,୨୭।୮(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ୧ନଂ. ଜିଲା ପରିଷଦ ଜୋନ୍ ପାଇଁ ବିଜେଡି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସରପଞ୍ଚ ବିଶ୍ୱମ୍ଭର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଟାଇଣ୍ଟି, ଟିକରପଡା, ଜଗନ୍ନାଥପୁର, କୋଠଭୂଇଁ, ମାଟିଆସାହି, ମାଣିକଯୋଡି, ଶରଧାପୁର, ପୁରୁଣାକୋଟ, ଅନ୍ଧିଆ ପଞ୍ଚାୟତକୁ ନେଇ ଗଠିତ ୧ନଂ. ଜିଲାପରିଷଦ ଜୋନ୍ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାରୁ ବିଜେଡି ଯୁବନେତା ବହେରା ଖୁସିବ୍ୟକ୍ତ କରିଛନ୍ତି। ଏଥିସହ ଏହି ନୂଆ ଦାୟିତ୍ୱ ମିଳିଥିବାରୁ ସେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅନୁଗୋଳ ଜିଲା ସଭାପତି ମହେନ୍ଦ୍ର ବଡ଼ିଆ, ବରିଷ୍ଠ ନେତା ନଳିନୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇବା ସହିତ ସଙ୍ଗଠନକୁ ମଜଭୁତ କରିବା ପାଇଁ ଚେଷ୍ଟା କରବେ ବୋଲି ପ୍ରକାଶ କରିଛନ୍ତି।

# ପରଦା ହଟାଇପାରୁନି ପୋଲିସ

ମାଧପୁର,୨୭।୮(ମନୋଜ ପ୍ରଧାନ)

**ମଙ୍ଗଳା କୋଠିରୁ ନିଖୋଜ ନାବାଳକଙ୍କ ଗଳିତ ମୃତଦେହ ଜଙ୍ଗଲରୁ ମିଳିଲା। ତନ୍ତ୍ର ସାଧନା ଉଦ୍ଦେଶ୍ୟରେ ନାବାଳକଙ୍କୁ ବଳି ଦିଆଯାଇଥିବା ଅଭିଯୋଗ ନେଇ ତୀବ୍ର ଉତ୍ତେଜନା ଦେଖାଦେଲା। ମଙ୍ଗଳା କୋଠି ଭାଙ୍ଗିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଗଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା ବେଳେ ପୋଲିସ ମଧ୍ୟ ପ୍ରତିଶ୍ରୁତି ଦେଇଥିଲା। ହେଲେ ଏକମାସ ବିତିଯାଇଥିଲେ ହେଁ ପୋଲିସ ଘଟଣାର ରହସ୍ୟ ଉନ୍ମୋଚନ କରିପାରି ନାହିଁ।**

- ନାବାଳକ ବଳି ଅଭିଯୋଗ ଘଟଣାକୁ ମାସେ ପୂରିଲା
- ତଦନ୍ତକୁ ନେଇ ସନ୍ତୁଷ୍ଟ ନୁହନ୍ତି ଆଠମଲ୍ଲିକବାସୀ
- ଟୁସର ମଙ୍ଗଳା କୋଠିକୁ ଜଗିରହିଛି ପୋଲିସ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ନାବାଳକ ସଞ୍ଜୀବ ବିଶ୍ୱାଳ(୧୩)ଙ୍କୁ ବଳି ଦିଆଯାଇଥିବା ଅଭିଯୋଗକୁ ମାସେ ପୂରଣ ହୋଇଛି। ହେଲେ ଏଯାଏ ଘଟଣା ଉପରୁ ପରଦା ଉଠାଇପାରୁନି କିଆକଟା ଥାନା ପୋଲିସ। ଏପରି କି ମଙ୍ଗଳା କୋଠିର ପୂଜକ ରୀତାଞ୍ଜଳି ବାଘ ଓ ତାଙ୍କ ୩ ପୁଅଙ୍କୁ ଗିରଫ ବ୍ୟତୀତ ଆଉ କୌଣସି କାର୍ଯ୍ୟାନୁଷ୍ଠାନ ପୋଲିସ ଗ୍ରହଣ କରିପାରି ନାହିଁ। ମଙ୍ଗଳା କୋଠିକୁ ଏଯାଏ ଭଙ୍ଗାଯାଇ ନ ଥିବା ବେଳେ ତାହାକୁ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ୁଥିବା ବେଳେ ପୋଲିସ କେବଳ ତଦନ୍ତ ଚାଲିଛି, ରିପୋର୍ଟକୁ ଅପେକ୍ଷା କରାଯାଇଥିବା କହି ସମୟ ଗଡ଼ାଉଥିବା ଆଠମଲ୍ଲିକବାସୀ ଅଭିଯୋଗ କରୁଛନ୍ତି।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବ ଅନେକ ସମୟରେ ଅସୁସ୍ଥ ରହୁଥିଲେ। ଟୁସରସ୍ଥିତ ମଙ୍ଗଳା କୋଠିରେ ଅଧିଆ ପଡ଼ିଲେ ସଞ୍ଜୀବ ରୋଗମୁକ୍ତ ହୋଇଯିବେ ବୋଲି କୋଠିର ପୂଜକ ରୀତାଞ୍ଜଳି କହିବାରୁ ସଞ୍ଜୀବଙ୍କ ମା' ବାସନ୍ତୀ ବିଶ୍ୱାଳ ତାହାକୁ ବିଶ୍ୱାସ କରି ଗତ ଜୁଲାଇ ୨୨ ରାତିରେ ପୁଅକୁ ଅଧିଆ ପକାଇଥିଲେ। ହେଲେ ୨୩ ତାରିଖ ସକାଳୁ ପୁଅ ନିଖୋଜ ହୋଇଯାଇଥିବା ନେଇ ବାସନ୍ତୀ କିଆକଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ହେଁ କିଛି ସୁଫଳ ମିଳି ନ ଥିଲା। ତେବେ ଜୁଲାଇ ୨୮ରେ ବାରେଣୀ ଜଙ୍ଗଲରୁ ସଞ୍ଜୀବଙ୍କ ଗଳିତ ମୃତଦେହ ମିଳିବା ପରେ ଥାନା ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ତନ୍ତ୍ର ସାଧନା ପାଇଁ ସଞ୍ଜୀବଙ୍କୁ ବଳି ଦିଆଯାଇଥିବା ଅଭିଯୋଗ କରି ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ପୋଡ଼ି ଦେଇଥିଲେ। ଦୀର୍ଘ ଘଣ୍ଟା ରାସ୍ତାରୋକୋ କରିଥିଲେ। ଖୁବ୍‌ଶୀଘ୍ର ଦୋଷୀଙ୍କୁ ଧରାଯିବ ବୋଲି ପୋଲିସ କହିବା ସହ ଏହାର ତଦନ୍ତ ଅନୁଗୋଳ ଅତିରିକ୍ତ ଏସ୍‌ପିଙ୍କୁ ଦିଆଯାଇଥିଲା। ତୁରନ୍ତ ମଙ୍ଗଳା କୋଠିର ପୂଜକ ରୀତାଞ୍ଜଳି ଓ ତାଙ୍କ ୩ ପୁଅଙ୍କୁ ଗିରଫ କରାଯାଇଥିଲା। ହେଲେ ସେବେଠାରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଥିଲେ ହେଁ ଅଧିକ କିଛି ସଫଳତା ପୋଲିସକୁ ମିଳିପାରି ନାହିଁ। ଏପରି କି ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିଥିଲେ ମଧ୍ୟ ପୋଲିସ ଘଟଣାର ରହସ୍ୟ ଖୋଲିପାରି ନାହିଁ। ମଙ୍ଗଳା କୋଠିକୁ ନେଇ ଲୋକଙ୍କ ଭିତରେ ଥିବା ଭୟ ଦୂର କରିବାକୁ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ବେଳେ ତଦନ୍ତ ନ ସରିବା ଯାଏ ମଙ୍ଗଳା କୋଠିକୁ ସୁରକ୍ଷିତ ରଖାଯାଇଥିବା ପୋଲିସ ବୁଝାଇଦେଇଛି। କିନ୍ତୁ ଘଟଣାକୁ ମାସେ ବିତିଯାଇଥିଲେ ବି ପୋଲିସ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆଣିପାରି ନ ଥିବାରୁ ଆଠମଲ୍ଲିକବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, କଟକରୁ ଏଯାଏ ଫୋରେନସିକ ରିପୋର୍ଟ ଆସିନାହିଁ। ଉକ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏଥିସହ ମୃତଦେହ ଉଦ୍ଧାର ହୋଇଥିବା ଗଛ ଉପରେ କେହି ଚଢ଼ି ମୃତଦେହ ଟାଙ୍ଗି ପାରିବେ କି ନାହିଁ ସେ ସମ୍ପର୍କରେ ବନ ବିଭାଗକୁ ରିପୋର୍ଟ ମଗାଯାଇଛି। ଉକ୍ତ ୨ଟି ରିପୋର୍ଟ ମିଳିବା ପରେ ଘଟଣା ଉପରୁ ପରଦା ହଟିପାରିବ।



ଆଠମଲ୍ଲିକ ବ୍ଲକ ଟୁସରସ୍ଥିତ ମଙ୍ଗଳା କୋଠି

### ପୋଲିସ ଉପରକୁ ଗୁଳି, ଅଭିଯୁକ୍ତ ଚମ୍ପଟ

ଅନୁଗୋଳ, ୨୭।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ଥାନା ଏସ୍‌ଆଇ ଦୁର୍ଜୟ ମହାନନ୍ଦିଆଙ୍କ ଉପରକୁ ଗୁଳି ଚଳାଇ ଚମ୍ପଟ ମାରିଛନ୍ତି ଅଭିଯୁକ୍ତ। ତେବେ ଅଭିଯୁକ୍ତଙ୍କ ଗୁଳି ଏସ୍‌ଆଇଙ୍କ ଦେହରେ ବାଜି ନ ଥିବା ବେଳେ ଏସ୍‌ଆଇ ମଧ୍ୟ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଛନ୍ତି। ଶନିବାର ଘଟିଥିବା ଏହି ଘଟଣା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଏସ୍‌ଆଇ ମହାନନ୍ଦିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ନଂ. ୧୫୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ କହିଛି, ଅନୁଗୋଳ ଥାନା ଘୁଞ୍ଚାପାଳ ଅଞ୍ଚଳର ସୁଧାଂଶୁ ନାଏକଙ୍କ ନାମରେ ନାଲ୍‌କୋ ଥାନାରେ ଏକ ଯୁବତୀ ଅପହରଣ ନେଇ ମାମଲା ରହିଛି। ଉକ୍ତ ମାମଲାର ତଦନ୍ତ କରୁଥିବା ଏସ୍‌ଆଇ ମହାନନ୍ଦିଆଙ୍କୁ ଅଭିଯୁକ୍ତଙ୍କ ସମ୍ପର୍କରେ ବିଶ୍ୱସ୍ତ ସୂଚନା ମିଳିଥିଲା। କୁରୁଡୁଲୁ ଆମ୍ବ ବଗିଚାରେ ଅଭିଯୁକ୍ତ ସୁଧାଂଶୁ ଲୁଚିଥିବା ଜାଣି ଅପରାହ୍ନରେ ତଦନ୍ତକାରୀ ଅଧିକାରୀ ସେଠାକୁ ଯାଇଥିଲେ। ସେଠାରେ ମୋଟର ସାଇକେଲ ରଖି ଏସ୍‌ଆଇ ମହାନନ୍ଦିଆ ଅଭିଯୁକ୍ତଙ୍କ ନିକଟକୁ ଯିବା ବେଳେ ହଠାତ ସୁଧାଂଶୁ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଜବାବରେ ଏସ୍‌ଆଇ ନିଜ ପିସ୍ତଲରୁ ୨ ରାଉଣ୍ଡ ଫାଙ୍କା ଗୁଳି ଚଳାଇବା ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।

## ଅନୁମତି ନ ନେଇ ରାସ୍ତା ଖୋଳା

ବଇଣ୍ଡା,୨୭।୮(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଓ ଆଠମଲ୍ଲିକ ବ୍ଲକର ବିଭିନ୍ନ ପଞ୍ଚାୟତକୁ ମେଗା ଜଳ ପ୍ରକଳ୍ପ ପାଇଁ ପାଇପ୍ ବିଛାଉଥିବା ଠିକା ସଂସ୍ଥା ବେଆଇନ ଭାବେ ରାସ୍ତା ଖୋଳି ଦେଇଥିବା ଅଭିଯୋଗ ହୋଇଛି। କିଶୋରନଗର ବ୍ଲକର କଟରଙ୍ଗା ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ପାଇପ୍ ବିଛା ବେଳେ ପୂର୍ତ୍ତବିଭାଗ ରାସ୍ତାକୁ ଖୋଳି ଦେଇଥିବାରୁ ଅସନ୍ତୋଷ ଦେକାଦେଇଛି। ପୂର୍ତ୍ତ ବିଭାଗଠାରୁ କୌଣସି ଅନୁମତି ନ ନେଇ ଠିକାସଂସ୍ଥା ବେଆଇନ ଭାବେ ମେଶିନ ସହାୟତାରେ କଂକ୍ରିଟ୍ ରାସ୍ତା ଖୋଳି ଦେଇଥିବା କୃଷ୍ଣପୁର ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଏହି ଅଞ୍ଚଳକୁ ଆଠମଲ୍ଲିକର ମହାନଦୀରୁ ପାଣି ଯୋଗାଇ ଦେବା ପାଇଁ ପାଇପ୍ କାମ ଆରମ୍ଭ ହୋଇଛି। ହେଲେ ଠିକାସଂସ୍ଥା ପୂର୍ତ୍ତବିଭାଗ ରାସ୍ତା ଖୋଳି ଦେବାରୁ ପଥଚାରୀମାନେ ଯାତାୟାତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ କାଶୀନାଥ ମଲ୍ଲିକ କହିଛନ୍ତି, ରାସ୍ତା ଖୋଳିବା ପାଇଁ କୌଣସି ଅନୁମତି ଦିଆଯାଇନାହିଁ। ଅଭିଯୋଗ ପରେ ରାସ୍ତା ଖୋଳା କାର୍ଯ୍ୟ ବନ୍ଦ ହୋଇଛି। ଏ ନେଇ ଥାନାରେ ଅଭିଯୋଗ କରାଯିବ।



## ନିରପେକ୍ଷ ସାହିତ୍ୟ ସୃଷ୍ଟି ପାଇଁ ଆହ୍ୱାନ



ଅନୁଗୋଳ, ୨୭।୮ (ଅମିତ କୁମାର ସାମଲ)

ଅନୁଗୋଳ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଅନୁଗୋଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଏକ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଅଧ୍ୟାପକ ପ୍ରଦୀପ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହାପରେ ଉପସ୍ଥିତ କବିମାନଙ୍କ ମଧ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ନିରଞ୍ଜନ ପତି, ଗଗନ ମିଶ୍ର, ଅରୁଣ ସାହୁ, ପ୍ରହ୍ଲାଦ ନାୟକ, ବିଶ୍ୱରଞ୍ଜନ ମହାପାତ୍ର, ସଦାନନ୍ଦ ପରିଡ଼ା, ଘନଶ୍ୟାମ ପାଳ, ଟିକନ ସାହୁ, ଗୋଲାପ ନନ୍ଦ, ଗୀତାମୟୀ ମହାପାତ୍ର, ଲତିକା ମହାପାତ୍ର, ଜାନକୀ ଶତପଥୀ, ବୀଣାପାଣି ସାହୁ, କଳ୍ପନା ନାଏକ, ଅନୁପମା ପ୍ରଧାନ ଓ କବି ପ୍ରଦୀପ ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସନତ ନାୟକ ନିର୍ଭିକ ଓ ନିରପେକ୍ଷ ସାହିତ୍ୟ ସୃଷ୍ଟି ପାଇଁ ଉପସ୍ଥିତ କବିମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାପରେ ଅନ୍ତକ୍ଷାରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବି ନିରଞ୍ଜନ ପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଳଚେରରୁ ଆସିଥିବା ନୂତନ କବିମାନଙ୍କୁ କବୟିତ୍ରୀ ଗୋଲାପ ନନ୍ଦ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅଧ୍ୟାପକ ପ୍ରଦୀପ ଦାଶ କବିତା ପାଠୋତ୍ସବ ସଂଯୋଜନା କରିଥିଲେ।

## ବ୍ଲକ କଂଗ୍ରେସ କର୍ମୀ ସମ୍ମିଳନୀ

କଣିହାଁ,୨୭।୮(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଡେଶା ଭବନ ପରିସରରେ କଣିହାଁ ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ଶଶୀକାନ୍ତ ସାମଲଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପିସିସି ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲା ପ୍ରଭାରୀ ପ୍ରକାଶ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଫକୀରମୋହନ ସାମଲ, ଜିଲା ଯୁବ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ପାଲଲହଡ଼ା ବ୍ଲକ କଂଗ୍ରେସ ସଭାପତି ଦୋଳଗୋବିନ୍ଦ ସାହୁ, ଶାନ୍ତିଲତା ବେହେରା, ସୁକାନ୍ତ ବେହେରା, ଦୁଃଖବନ୍ଧୁ ସାମଲ, ଜଗମୋହନ ସାହୁ, ମହେଶ୍ୱର ପ୍ରଧାନ, ନରେନ୍ଦ୍ର ଗଡ଼ନାୟକ, ମାନସ ରଞ୍ଜନ ପ୍ରଧାନ, ପ୍ରମୋଦ ସାହୁ, ଶ୍ରୀହରି ପାଣି ପ୍ରମୁଖ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

## ଚକ୍ଷୁଦାନ ଦିବସରେ ସଚେତନତା ଶୋଭାଯାତ୍ରା




ଅନୁଗୋଳ,୨୭।୮(ଅମିତ ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜାତୀୟ ଚକ୍ଷୁଦାନ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏକ ଜନସଚେତନତା ଶୋଭାଯାତ୍ରା ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ବଜାର ପରିକ୍ରମା କରିଥିଲା। ଚକ୍ଷୁ ବିଶେଷଜ୍ଞ ଡାକ୍ତର ପରମେଶ୍ୱର ଜେନା ଚକ୍ଷୁଦାନ ପକ୍ଷ ପାଳନ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନର୍ସିଂ ଛାତ୍ରୀ, ପାରା ମେଡ଼ିକାଲ ଷ୍ଟାଫ୍, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅପେରା ଦେଖାବେଳେ ମୋବାଇଲ ଚୋରି

ଅନୁଗୋଳ, ୨୭।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଜରପଡ଼ା ଥାନା ହାଟପଦାରେ ଅପେରା ଦେଖୁଥିବା ସମୟରେ ସାନହୁଲାର ମଞ୍ଜନ ନାୟକଙ୍କ ମୋବାଇଲ ଫୋନ ଚୋରି ହୋଇଛି। ଏ ନେଇ ସେ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୭୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ମଞ୍ଜନ ଗତ ୨୧ ତାରିଖରେ ଅପେରା ଦେଖୁଥିଲେ। ତେବେ ତାଙ୍କ ଆଖି ଲାଗିଯିବାର ସୁଯୋଗ ନେଇ କେହି ପକେଟରୁ ମୋବାଇଲ ଗାଏବ କରିଦେଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆଇନ ସମ୍ପର୍କରେ କରାଗଲା ସଚେତନ

ଅନୁଗୋଳ,୨୭।୮(ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ଜିଲା ଅଦାଲତ ପରିସରରେ ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଜିଲାରେ ଥିବା ଲିଗାଲ ଲିଟେରାସି କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିପରି ଖଲିଗ୍ସିତ ସରକାରୀ ଉଚ୍ଚ ବିଦ୍ୟାଳୟ ଲିଗାଲ ଲିଟେରାସି କ୍ଲବର ସଦସ୍ୟମାନେ ସୂର୍ଯ୍ୟ ନମସ୍କାର ନାମକ କ୍ଷୁଦ୍ର ନାଟକ ପ୍ରଦର୍ଶିତ କରିଥିଲେ। ପରିଶେଷରେ ସମସ୍ତ ବିଜେତାଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଓ ବଅଁରପାଳ ଅଦାଲତର ବିଚାରପତିମାନେ ଉପସ୍ଥିତ ଥିଲେ। ଆଇନସେବା ପ୍ରାଧିକରଣ ସଚିବ ଏହାର ପରିଚାଳନା କରିଥିଲେ।




ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଶିଶୁ ମନ୍ଦିରରେ ବସ୍ତାନି ବିହୀନ ଶିକ୍ଷା

ତାଳଚେର, ୨୭।୮ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବସ୍ତାନି ବିହୀନ ଶିକ୍ଷା ଆରମ୍ଭ କରାଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ଗୋଟିଏ ଶିକ୍ଷା ବର୍ଷରେ ଛାତ୍ରୀଛାତ୍ରମାନଙ୍କୁ ୧୦ ଦିନ ବସ୍ତାନି ବିହୀନ ଶିକ୍ଷା ପ୍ରଦାନ କରାଯିବ। ପ୍ରଧାନାଚାର୍ଯ୍ୟ ଅନିଲ କୁମାର ଦେହୁରୀଙ୍କ ତତ୍ତ୍ୱବଧାନରେ ଛାତ୍ରୀଛାତ୍ରମାନେ ବିନା ବସ୍ତାନୀରେ ହସ୍ତକଳା, ଚିତ୍ରକଳା, ନୃତ୍ୟ ଆଦି ବିଭିନ୍ନ ଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ କମଳଲୋଚନ ପ୍ରଧାନ, ରବିନ ବରାଳ, ସଞ୍ଜୟ ସାଲିମା, ପ୍ରକାଶ ପ୍ରଧାନ, ବିକାଶ ପ୍ରଧାନ, ଭଗବାନ ବେହେରା, ବୀଣାପାଣି ବାରିକ, ମୋନାଲିସା ମହାନ୍ତି, ତ୍ରିଲୋଚନ ବେହେରା, ମଳୟ ଦାସ ଛାତ୍ରୀଛାତ୍ରମାନଙ୍କୁ କାଗଜନିର୍ମିତ ଫୁଲଦାନୀ, ଠୁଙ୍ଗା, ପ୍ଲେଟ, ଶାଳପତ୍ରରେ ଖଲି, ଚଉପଦୀ ତିଆରି କରିବା, ତାଳପତ୍ରରେ ଚଟେଇ ପ୍ରସ୍ତୁତ କରିବା, ରାଖୀ ତିଆରି କରିବା, ରଙ୍ଗିନ କାଗଜକୁ କାଟି ବିଭିନ୍ନ ପ୍ରକାର ଝାଲର ଓ ଫୁଲ ପ୍ରସ୍ତୁତ କରିବା, ରଙ୍ଗ ଓ ତୂଳୀ ମାଧ୍ୟମରେ ଚିତ୍ରାଙ୍କନ କରିବା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଉତ୍ସାହ ଓ ଉଦ୍ଦୀପନାର ସହ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ଉତ୍ସାହିତ କରିଥିଲେ।



ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## 'ରକ୍ତଦାନ କଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ'

ବଇଣ୍ଡା,୨୭।୮(ପରିକ୍ଷିତ ସାହୁ)

ବିଜେଡି ମୋ ପରିବାର ପକ୍ଷରୁ କିଶୋରନଗର ବ୍ଲକ ନାକିଚିଠାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବାସହ ରକ୍ତଦାନ କଲେ ସ୍ୱାସ୍ଥ୍ୟ ସୁରକ୍ଷିତ ରହିବ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ସଦାଶିବ ନାୟକ, ଜିଲା ସହ ପର୍ଯ୍ୟବେକ୍ଷକ କୁଞ୍ଜବିହାରୀ ଦାସ, ଜିଲା ମହିଳା ସଭାନେତ୍ରୀ ବିଦ୍ୟୁତ୍‌ଲତା ପ୍ରଧାନ, ଜିଲାପରିଷଦ ସଭାପତି ବବିତା ପ୍ରଧାନ, ବସୁଧା ଉପଦେଷ୍ଟା ଦିନେଶ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସୈରେନ୍ଧ୍ରି ପ୍ରଧାନ, ଉପାଧ୍ୟକ୍ଷା ଲବ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ଯୁବ ବିଜେଡି ଜିଲା ଉପ ସଭାପତି ଜିତେନ୍ଦ୍ର ସାହୁ, ସନ୍ତୋଷ ପ୍ରଧାନ, ମହେଶ୍ୱର ଦେହୁରୀ, ରଞ୍ଜନ ସାହୁ, ତପନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୨୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଙ୍ଗପଡା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିନୋଦିନୀ ସାହୁ ଯୋଗଦେଇ ରକ୍ତ ଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। ଅନୁଗୋଳ ଓ ଆଠମଲ୍ଲିକ ବ୍ଲଡ୍ ବ୍ୟାଙ୍କ କର୍ମଚାରୀମାନେ ସହଯୋଗ କରିଥିଲେ। ସରପଞ୍ଚ ମନୋଜ ବାଘ, ନାରାୟଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



